# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**11 February – 2025**

## ଏନ୍‌ସିସି

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ କଟକ, ବ୍ରହ୍ମପୁର ଏବଂ ସମ୍ବଲପୁରରେ ୩ଟି ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଭୁବନେଶ୍ୱରଠାରେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଏନ୍‌ସିସି ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ୍ ଗୁରୁବୀର ପାଲ୍ ସିଂଙ୍କ ମଧ୍ୟରେ ଏ ନେଇ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ଝାରସୁଗୁଡ଼ା ବିମାନ ବନ୍ଦରରେ ଏନସିସି ଛାତ୍ରଛାତ୍ରୀଙ୍କୁ ବିମାନ ଉଡ଼ାଣ ପ୍ରଶିକ୍ଷଣ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ସଂଖ୍ୟା ୯୦ ହଜାରକୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ସହିତ ରାଜ୍ୟର ଅନ୍ୟ ବିଦ୍ୟାଳୟରେ ଗୁଡ଼ିକରେ ଏନ୍‌ସିସି ଶାଖା ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି ।

## କ୍ରୀଡ଼ା ଭିତ୍ତିଭୂମି

ରାଜ୍ୟରେ ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ା ପ୍ରତିଭାର ସାମଗ୍ରିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଭୁବନେଶ୍ୱରଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ମନ୍ତ୍ରୀଶ୍ରୀ ସୂରଜ କହିଛନ୍ତି ୪ ହଜାର ୧୨୪ କୋଟି

ଟଙ୍କାର ବ୍ୟୟ ଅଟକଳରେ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ ।

**V/O**

---

## ରେଳପଥ-ସଂସଦ

ଓଡ଼ିଶାରେ ରେଳପଥ ବିକାଶ ନେଇ ସଂସଦର ଉଭୟ ଗୃହରେ  ଗତକାଲି ଦାବି ଉପସ୍ଥାପନ କରାଯାଇଛି । ରାଜ୍ୟସଭାରେ ସଦସ୍ୟ ସୁଜିତ କୁମାର ୪ଟି ନୂତନ ରେଳପଥ ନିର୍ମାଣ ଲାଗି ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ମିଶନ ତଥା ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ରେଳକ୍ଷେତ୍ରର ବିକାଶ  ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି । ସେହିପରି ଲୋକସଭାରେ ସଦସ୍ୟ ସପ୍ତଗିରି ଉଲାକା ଗୁଣୁପୁରୁ-ଥେରୁବାଲି ନୂତନ ରେଳପଥକୁ ଜନବସତି ଅଞ୍ଚଳ ଦେଇ ନିର୍ମାଣ କରିବାକୁ ଦାବି କରିଛନ୍ତି ।

---

## ଟେଲି ମେଡିସିନ୍

ରାଜ୍ୟରେ ଟେଲି ମେଡିସିନ୍ କ୍ଷେତ୍ରକୁ ଅଧିକ କ୍ରୀୟାଶୀଳ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏ ସଂପର୍କିତ ଏକ ସମୀକ୍ଷା ବୈଠକ ଗତକାଲି ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅସ୍ୱସ୍ଥୀ ଏସ୍.ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଟେଲି ମେଡିସିନ୍ ଏବଂ ଇ-ସଂଜୀବନୀ ପ୍ଲାଟଫର୍ମକୁ ରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳକୁ ସଂପ୍ରସାରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କର୍କଟ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଏହା

ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି । ଟେଲି ମେଡିସିନ୍ ସେବା ସଂପର୍କରେ ସଚେତନତା ବୃଦ୍ଧି ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

## ମହିଳା କମିଶନ– ଜନଶୁଣାଣି

ଜାତୀୟ ମହିଳା କମିଶନର ଅଧ୍ୟକ୍ଷ ବିଜୟା ରାହତକରଙ୍କ ଉପସ୍ଥିତିରେ ଆଜି ଭୁବନେଶ୍ୱରର ଏକାମ୍ର ହଲ୍‌ରେ ଏକ ଜନଶୁଣାଣି ଅନୁଷ୍ଠିତ ହେବ। ତୃଣମୂଳସ୍ତରରେ ମହିଳାମାନଙ୍କ ସମସ୍ୟାର ସମାଧାନ ଲକ୍ଷ୍ୟରେ ଜାତୀୟ ମହିଳା କମିଶନଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ମହିଳାମାନେ ବିଭିନ୍ନ ପ୍ରକାର ସମସ୍ୟା, ଅଭିଯୋଗ ଏହି ଶିବିରରେ ଉପସ୍ଥାପନ କରିପାରିବେ। ଶୁଣାଣି ସମ୍ବନ୍ଧୀୟ ସୂଚନା ପାଇଁ ୭୦୧୧-୯୭୨-୮୬୨ ନମ୍ବରରେ ଯୋଗାଯୋଗ କରାଯାଇ ପାରିବ।

## ସୁଭଦ୍ରା

ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷ ଅତିକ୍ରମ କରିଛି । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କ ନିକଟରେ ଅର୍ଥରାଶି ପହଞ୍ଚାଇବାରେ ନ୍ୟାଶନାଲ୍ ପେମେଣ୍ଟ କର୍ପୋରେସନ୍-ଏନ୍‌ପିସିଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

## ଆଡମିଟ୍ କାର୍ଡ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍ ମାଧ୍ୟମରେ ଉପଲବ୍ଧି ହୋଇଛି । ବୋର୍ଡ

ୱେବ୍‌ସାଇଟ୍ **www.bseodisha.ac.in** ରୁ ପରୀକ୍ଷାର୍ଥୀ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ । ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା, ମଧ୍ୟମା ଏବଂ ପତ୍ର ବିନିମୟ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ମଧ୍ୟ ଏହି ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଆସନ୍ତା ୨୧ ତାରିଖରୁ ଆରମ୍ଭ ହେଉଛି ।

---

## ମାଘମେଳା

ଢେଙ୍କାନାଳ ଜିଲ୍ଲା ଯୋରନ୍ଦାଠାରେ ଆଜିଠାରୁ ମାଘ ମେଳା ଆରମ୍ଭ ହେଉଛି । ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମେଳାରେ ମହିମା ଧର୍ମାବଲମ୍ବୀ, ସାଧୁ ସନ୍ନ୍ୟାସୀ ଏବଂ ଶ୍ରଦ୍ଧାଳୁଙ୍କର ସମାଗମ ହେବ । ଆନ୍ଧ୍ର, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର ଏବଂ ଆସାମ ଅଞ୍ଚଳରୁ ବହୁ ସଂଖ୍ୟାରେ ମହିମା ଧର୍ମାବଲମ୍ବୀ ମେଳାରେ ଅଂଶ ଗ୍ରହଣ କରୁଛନ୍ତି । ୫୦ଟି ମଣ୍ଡପକୁ ନେଇ ଏକ ପଲ୍ଲୀଶ୍ରୀ ମେଳା ଖୋଲିଥିବା ଜଣାପଡ଼ିଛି ।

---

## ଜାତୀୟ କ୍ରୀଡ଼ା

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଗତକାଲି ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ହାସଲ କରିଛି । ମଡର୍ଣ୍ଣ ପେଣ୍ଟାଥଲନ୍ ବାଇଥେଲ୍ ଇଭେଣ୍ଟରେ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ପ୍ରଣବ ଦାସ ରୌପ୍ୟ ପଦକ ହାସଲ କରିଥିବା ବେଳେ ଦଳଗତ ବର୍ଗରେ ମଧ୍ୟ ଓଡ଼ିଶା ରୌପ୍ୟ

ପଦକ ଜିତିଛି । ଏହାକୁ ମିଶାଇ ୯ଟି ସ୍ୱର୍ଣ୍ଣ ପଦକ ସହ ଓଡ଼ିଶା ଏପର୍ଯ୍ୟନ୍ତ ୩୩ଟି ପଦକ ହାସଲ କରିଛି ।

## ପଲ୍ଲୀଶ୍ରୀ ମେଳା

ଭଦ୍ରକ ଜିଲ୍ଲା ଧାମନଗରଠାରେ ଶୀତ ମହୋତ୍ସବ ଓ ପଲ୍ଲୀଶ୍ରୀମେଳା ଗତକାଲିଠାରୁ ଆରମ୍ଭ ହୋଇଛି । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଲୋକକଳା, ଭାସ୍କର୍ଯ୍ୟ,ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବାରେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ମହୋତ୍ସବ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ।